## ତୁଳସୀ ରାମାୟଣ ନବାହ୍ନ ପାରାୟଣ ଆରମ୍ଭ

କଣ୍ଟାମାଳ, ୬ ।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଛକ ଶ୍ରୀରାମ ମନ୍ଦିରରେ ୯ ଦିନ ଧରି ତୁଳସୀ ରାମାୟଣ ଓ ନବାହ୍ନ ପାରାୟଣ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ କଳସ ଶୋଭାଯାତ୍ରା ହୋଇଯାଇଛି । ଖଲିଆପାଲି ବନ୍ଧରେ ପଣ୍ଡିତ ସନତ ମିଶ୍ର ଓ ବାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମହିଳାମାନେ କଳସରେ ଜଳ ଧରି ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ ସ୍ଥାପନ କରିଥିଲେ । ସୁଶୀଲ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ନମିତା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜାରେ ସହଯୋଗ କରିଥିଲେ । ସୋନପୁର ଜିଲ୍ଲା ନନ୍ଦନମାଳର ମଧୁସୂଦନ ଦାସ ବ୍ୟାସ ଭାବେ ତୁଳସୀ ରାମାୟଣ କଥା ଶୁଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସନ୍ତୋଷ ବିଶି, ବାଳକୃଷ୍ଣ ମିଶ୍ର, ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ, ସଦସ୍ୟ ହରିବନ୍ଧୁ ପୁରୋହିତ, ଜୟ ମହାରଣା, ମନୋଜ ରାଜହଂସ, ଭୀମସେନ ସ୍ୱାଇଁ, ସନ୍ତୋଷ ସାହୁ, ପ୍ରଦୀପ ପ୍ରଧାନ, ଅପର୍ତ୍ତି ପ୍ରଧାନ, ଗୌରାଙ୍ଗ ବଗର୍ତ୍ତୀ , ବାଦଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ତରଣୀସେନ ବଧ ମଞ୍ଚସ୍ଥ

ବୌଦ୍ଧ, ୬ ।୪(ସମିସ): ବୌଦ୍ଧ ମାରୁତିମଣ୍ଡପଠାରେ ନାଟକ ତରଣୀସେନ ବଧ ଅନୁଷ୍ଠିତ ହୋଇଯାଇଛି । ଶିରିଶ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱା ।ମିତ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର,ଜଗଦୀଶ ବାରିକ, ସନ୍ତୋଷ ବାଘ, ମୁକେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ଶାନ୍ତନୁ ବେହେରା, ଦିବାକର ଜେନା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି ।

## ସରଗଜ ରାମଲୀଳା ନାଟକରେ ରାବଣ ବଧ



ତରଭା, ୬ ।୪(ସମିସ): ତରଭା ବ୍ଲକ୍ ସରଗଜ ରାମଲୀଳା କଳାସଂସଦ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାମଲୀଳା ନାଟକୋତ୍ସବ ମଞ୍ଚସ୍ଥ ହେଉଛି । "ରାବଣ ବଧ' ଦୃଶ୍ୟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ହୋଇଥିଲା । ଶ୍ରୀରାମ ଜନ୍ମ, ଶିବଧନୁ ଭଗ୍ନ, ସୀତା ବିବାହ, ରାମ ବନବାସ, ଭରତ ମିଳନ, ସୀତାଙ୍କ ବାଲିପିଣ୍ଡ, ସୁର୍ପଣଖା ନାଶା ଛେଦନ, ସୀତା ଚୋରି, ବାଲି ବଧ, ସୀତା ଠାବ, ଲଙ୍କାପୋଡି, ସେତୁବନ୍ଧ ପ୍ରତିଷ୍ଠା, ବିଭୀଷଣ ଶରଣ, କୁମ୍ଭକର୍ଣ୍ଣ ବଧ ଆଦି ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମଙ୍କ ଭୂମିକାରେ ତ୍ରିନାଥ ରଣା, ଲକ୍ଷ୍ମଣ ଭୂମିକାରେ ପିଙ୍କଲ ମିଶ୍ର, ରାବଣ ଭାବେ ନୀଳକଣ୍ଠ ମିଶ୍ର, ବିଭୀଷଣ ଭୂମିକାରେ ଭବାନୀ ଶଙ୍କର ମିଶ୍ର, ତରଣୀ ସେନ ଭାବେ ଶ୍ରୀକାନ୍ତ ନନ୍ଦ, ବୀରବାହୁ ଭୂମିକାରେ ଅଜିତ ମିଶ୍ରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

## କରଡ଼ିପାଲି ଗ୍ରାମରେ ନବାହ୍ନ ପାରାୟଣ ଉଦ୍‌ଯାପିତ

ବୌଦ୍ଧ, ୬ ।୪(ସମିସ): ବୌଦ୍ଧ ବ୍ଲକ୍ ବ୍ରାହ୍ମଣୀପାଲି ପଞ୍ଚାୟତ କରଡ଼ିପାଲି ଗ୍ରାମରେ ଚାଲିଥିବା ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଛି । ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ବ୍ଲକ୍ ବିଜେଡି ସଭାପତି ତଥା ବ୍ରାହ୍ମଣୀପାଲି ପଞ୍ଚାୟତ ସମିତି ସଭ୍ୟ ସୁମନ୍ତ ସାହୁ, ସରପଞ୍ଚ ଅରୁଣ ବାଘ, ୱାର୍ଡ ସଭ୍ୟ ସନ୍ତୋଷ ମହାକୁଡ ଯୋଗ ଦେଇଥିଲେ । ବ୍ୟାସ ଭାବେ ସୁଜିତ ଦାଶ ନବ ଦିନ ବ୍ୟାପି ପାରାୟଣ ପଠନ କରିଥିଲେ । ପୂର୍ଣ୍ଣାହୁତି ଦିବସରେ ପୁରାଣ ପାଠକ ତପନ ଦାଶ ଯୋଗ ଦେଇଥିଲେ ।

## ଚନ୍ଦ୍ରଚୁଡ ମହାନଦୀ ଆଳତୀ ଘାଟରେ ସଫେଇ

ବୌଦ୍ଧ, ୬ ।୪(ସମିସ): ବୌଦ୍ଧ ସହର ଚନ୍ଦ୍ରଚୁଡ ମନ୍ଦିର ମହାନଦୀ ଆଳତୀ ଘାଟରେ ଓଡିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛ ଓଡିଶା ଦିବସ ପାଳିତ ହୋଇଛି । ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନ ପ୍ରମୁଖ ଆଳତୀ ଘାଟର ସଫେଇ କରିଥିଲେ । ବୌଦ୍ଧଗଡ ଏନଏସି ଆନୁକୂଲ୍ୟରେ ଆୟୋଜିତ ସ୍ୱଚ୍ଛ ଓଡିଶା ଦିବସ କାର୍ଯ୍ୟକ୍ରମରେ ଏନଏସି କର୍ମଚାରୀ ଓ ସଫେଇ କର୍ମଚାରୀ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ସଫେଇ କରିଥିଲେ ।

## ରଣ୍ଡିମହୁଲ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସଭା

କଣ୍ଟାମାଳ, ୬ ।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରଣ୍ଡିମହୁଲ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପେକ୍ସ ସଭାପତି ସୁଧୀର ଖଟୁଆ ଅଧ୍ୟକ୍ଷତା କରିଥିଲେ । ପେକ୍ସ ସମ୍ପାଦକ ଲକ୍ଷ୍ମୀଧର ଦନ୍ତା ବାର୍ଷିକ ବିବରଣୀ ସହ ବାର୍ଷିକ ବଜେଟ ସାଧାରଣ ସଭାରେ ଉପସ୍ଥାପନା କରିଥିଲେ । ପୂର୍ବତନ ସମ୍ପାଦକ ସୁଦାମ ଚରଣ ବାରିକ ପରିଚାଳନା କରିଥିଲେ । ଚଳିତ ବର୍ଷ ସମିତିର ଚାଷୀ କିଭଳି ସାର, ବିହନ, କୃଷି ଋଣ ସୁବିଧାରେ ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା । କୃଷକମାନେ ରବି, ଖରିଫ ସମୟରେ ଯେପରି ଠିକ ଭାବରେ ପଞ୍ଜୀକରଣ ସହ ଧାନ ବିକ୍ରି କରିପାରିବେ ସେ ଉପରେ ଆଲୋଚନା କରାଯାଇଥିଲା । ପଲସାଗୋରାଠାରେ ଥିବା ସମିତିର ମିନିବ୍ୟାଙ୍କରେ କେବଳ ମିନିବ୍ୟାଙ୍କ କାମ କରାଯିବା ଓ ବାକି ସମସ୍ତ କାମ ରଣ୍ଡିମହୁଲ ପେକ୍ସରେ କରାଯିବାକୁ ଆଲୋଚନା କରାଯାଇଥିଲା । ପୂର୍ଣ୍ଣ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଭାଗୀରଥି ଦନ୍ତା, ଗିରିଶଚନ୍ଦ୍ର ଦଳବେହେରା, ଲବ କୁମାର ପ୍ରଧାନ, ସଦାନନ୍ଦ ପ୍ରଧାନ, ଦେଶବନ୍ଧୁ ଖଟୁଆ, ବିନାୟକ ସାହୁ, ଘନଶ୍ୟାମ ଖଟୁଆ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଦୀପକ ବାରିକ, ବଳରାମ ଭୋଇ, ବିଜୟ ପ୍ରଧାନ, କମଳାକାନ୍ତ ସାହୁ, ଶିବ ପ୍ରଧାନ, ନବ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । କୃଷ୍ଣବଲ୍ଲଭ ବାରିକ, ଗଣେଶ ମହାକୁଡ଼, ମନୋଜ ଦନ୍ତା, ନରୋତ୍ତମ ଦନ୍ତା ସହଯୋଗ କରିଥିଲେ ।

## ଆମ୍ ଆଦମୀ ପାର୍ଟି ପକ୍ଷରୁ ୮ ଘଣ୍ଟିଆ ବୀରମହାରାଜପୁର ବନ୍ଦ

# ଆନ୍ଦୋଳନକାରୀଙ୍କୁ ବଳ ପୂର୍ବକ ଉଠାଇନେଲା ପୁଲିସ

ବୀରମହାରାଜପୁର, ୬ ।୪(ସମିସ)

ବୀରମହାରାଜପୁର ଅଞ୍ଚଳରେ ମହାନଦୀ ଓ ହରିହର ଜୋରରୁ ଚୋରା ବାଲି ଚାଲାଣ ଓ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବନ୍ଦ କରାଯିବା ସହ ଏଥିରେ ଲିପ୍ତ ଥିବା ସୁବର୍ଣ୍ଣପୁର ଏସ୍‌ପି, ସୁବଳୟା ଥାନାଧିକାରୀ ଏବଂ ସୁବର୍ଣ୍ଣପୁର ଖଣି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ଦାବିରେ ସୁବର୍ଣ୍ଣପୁର ଜିଲ୍ଲା ଆମ ଆଦମୀ ପାର୍ଟି ପକ୍ଷରୁ ଆଜି ବୀରମହାରାଜପୁରକୁ ୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ବୀରମହାରାଜପୁର ମୁଖ୍ୟ ଛକରେ ଆମ ଆଦମୀ ପାର୍ଟି ଜିଲ୍ଲା ସଭାପତି ପୃଥିରାଜ ଜଗଦଳାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗଦେଇ ଗାଡି ମଟର ଚଳାଚଳ ବନ୍ଦ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ କେ ହରିପ୍ରସାଦଙ୍କ ସମେତ ବୀରମହାରାଜପୁର ଏସଡିପିଓ ହେମନ୍ତ ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ୟପାକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ତେବେ ବନ୍ଦ ଡାକରା ନେଇ ପ୍ରଶାସନଠାରୁ ଅନୁମତି ନେଇ ନ ଥିବା ଅଭିଯୋଗ ଏବଂ ହିଂସାତ୍ମକ ଉପାୟରେ ବନ୍ଦ ହେଉଥିବା ଅଭିଯୋଗରେ ପୁଲିସ ଆନ୍ଦୋଳନକାରୀଙ୍କୁ ଜବରଦସ୍ତ ଉଠାଇ ନେଇଥିଲା । ବ୍ୟକ୍ତିଗତ ମୁଚଲିକାରେ ସମସ୍ତଙ୍କୁ ଅପରାହ୍ନ ୩ ଟାରେ ଛାଡିଥିଲା । ବିଜେପିର ପ୍ରତିଷ୍ଠା ଦିବସ ପାଳନ ଓ ନବ ନିଯୁକ୍ତ ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳାଙ୍କୁ ଭାଜପା ତରଫରୁ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧିତ ଅବସରରେ କାଳେ ଆମ୍ ଆଦମୀ ପାର୍ଟି କିଛି ଅଘଟଣ ଘଟାଇବ ସେହି ଆଶଙ୍କାରେ ଦଳୀୟ ଚାପର ବଶବର୍ତ୍ତୀ ହୋଇ ପୁଲିସ ବନ୍ଦ ଡାକରାକୁ ବିଫଳ କରିବାକୁ ଉଦ୍ୟମ କରିଥିଲା ବୋଲି ଆମ୍ ଆଦମୀ ପାର୍ଟିର ଜିଲ୍ଲା ସଭାପତି ଶ୍ରୀ ଜଗଦଳା କହିଛନ୍ତି । ପୁଲିସର ଏ ସବୁ କାର୍ଯ୍ୟକଳାପକୁ କଂଗ୍ରେସ ନେତା ପ୍ରିୟବ୍ରତ ସାହୁ ଦୃଢ଼ ନିନ୍ଦା କରିଛନ୍ତି । ତେବେ ପୁଲିସ ପ୍ରଶାଶନ ସମସ୍ତ ଆନ୍ଦୋଳନକାରୀଙ୍କୁ ଉଠାଇ ନେବା ପରେ କାଁ ଭାଁ ଦୋକାନ କିଛି ଖୋଲି ଥିଲା; କିନ୍ତୁ ସହରରେ ବନ୍ଦର ପ୍ରଭାବ ଦେଖା ଯାଇଥିଲା ।

**ବରିଷ୍ଠ ନାଗରିକ ସଂଘର ବୈଠକ**

## ତରଭା ସବ୍‌ଡିଭିଜନ ଦାବିକୁ ପୂର୍ଣ୍ଣ ସମର୍ଥନ



ତରଭା, ୬ ।୪(ସମିସ): ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ତରଭା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ ଅଧ୍ୟକ୍ଷତା କରିଥିଲେ । ସଂଘର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଜାଗାକୁ ନେଇ ପ୍ରଶାସନକୁ ଲିଖିତ ଆବେଦନ କରିବାକୁ ଆଲୋଚନା ହୋଇଥିଲା । ତରଭା ସାମ୍ବାଦିକ ସଂଘର ଆବାହକତ୍ୱରେ ଚାଲିଥିବା ସବ୍‌ଡିଭିଜନ ଦାବିକୁ ବୈଠକରେ ପୂର୍ଣ୍ଣ ସମର୍ଥନ କରାଥିଲା । ତରଭା ସହରକୁ ସ୍‌ଡିଭିଜନରେ ପରିଣତ କରିବା ଦାବି ନେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାବାହାରିବ ।ଜନସଚେତନତାସୃଷ୍ଟିକରିବାକୁଶୈଳେନ୍ଦ୍ରସାହୁପ୍ରସ୍ତାବଦେଇଥିଲେ । ଏହା ଅନୁମୋଦନ ଦିଆଯାଇଥିଲା । କାର୍ଯ୍ୟ ନିର୍ବାହୀ ସଭାପତି ଅଶୋକ ସାହୁଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି । ବୈଠକରେ ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ବିଜୟ ସାହୁ, ଅକ୍ଷୟ ବାଘ, କ୍ଷେତ୍ରବାସୀ ସାହୁ, ବୃକୋଦର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା





ତରଭା, ୬ ।୪(ସମିସ): ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସୁବର୍ଣ୍ଣପୁର ପାଇଁ ଚୟନ ହୋଇଥିବା ସଭାପତି ତଥା ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତି ଶ୍ରୀ ଜଗଦଳାଙ୍କୁ ସ୍ୱାଗତ କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ ପ୍ରମୁଖ ଉପସ୍ଥିତ ଥିଲେ । **ବୀରମହାରାଜପୁର:** ବିଧାୟକ ଶ୍ରୀ ଜଗଦଳାଙ୍କୁ କମିରା ଛକଠାରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କମିରା ସରପଞ୍ଚ ଅନୁସୂୟା ପଧାନ, ମଣ୍ଡଳ ସଭାପତି ଅଶୋକ ସାହୁ, ସପନ ପଧାନ ପ୍ରମୁଖ ଶୋଭାଯାତ୍ରାରେ ବୀରମହାରାଜପୁର ମୈତ୍ରୀ ସଦନ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ମୈତ୍ରୀ ସଦନଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲା ସଭାପତି ବେଣୁଧର ଦାସଙ୍କ ଅଧ୍ୟକ୍ଷତା ଶରତ ମିଶ୍ର, ସନ୍ତୋଷ ଭୋଇ, ପଦାର୍ଥ ଜଗଦଳା, ନଳିନି ପଣ୍ଡା, ବିପିନ ପଣ୍ଡା, ସୁମନ୍ତ ଜଗଦଳା, ସବିତା ପଣ୍ଡା, ଭୀଷ୍ମ ଦନ୍ତା, ପଙ୍କଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ସ୍ମରଣିକା 'ଦେଶଫାଲ' ଲୋକାର୍ପିତ

ବୀରମହାରାଜପୁର, ୬ ।୪(ସମିସ): ସୁବର୍ଣ୍ଣପୁର, ଜିଲ୍ଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳଠାରେ ଆଜି ସ୍ମରଣିକା "ଦେଶଫାଲ' ଲୋକାର୍ପିତ ହୋଇଛି । କମିଟିର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ କମିଟିର ବରିଷ୍ଠ ସଦସ୍ୟ ହୃଷିକେଶ ଚାନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ମାରଣିକା ସମ୍ପାଦକ ଡ. ଦ୍ୱିତିକୃଷ୍ଣ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ପ୍ରାୟ ୩୨ଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ପ୍ରଫୁଲ୍ଲ ରଥ, ଅନିରୁଦ୍ଧ କୁର୍କୁରିଆ, ଯୋଗିନ୍ଦ୍ର ପଣ୍ଡା, ଆମ୍ବୁଧର ସୁନା, ହିମାଂଶୁ ଶେଖର ମିଶ୍ର, ଯୁଗଳ କିଶୋର ମିଶ୍ର, ଜିତେନ୍ଦ୍ରିୟ ପର୍ଡିଆ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, କେଶବ ଦାସ ଓ ହେମନ୍ତ ଦାସଙ୍କ ସମେତ ବହୁ ଲେଖକ ଯୋଗ ଦେଇଥିଲେ । କମିଟି ସମ୍ପାଦକ ଶ୍ରିନିବାସ ଚାନ୍ଦ, ଆଇନ୍ ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବ ବଳଦେବ ପ୍ରସାଦ ବେଦବାଗ୍, ଉପସଭାପତି ହରିହର କର୍ଣ୍ଣ, କୃତିବାସ ମିଶ୍ର, ମାନସ ପାଣିଗ୍ରାହୀ, ଅମୀୟ ରଞ୍ଜନ ଦାସ, କୋଷାଧ୍ୟକ୍ଷ ପିତାମ୍ବର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଶଙ୍ଖନାଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟ୍ୟକାରଙ୍କୁ ସମ୍ବର୍ଦ୍ଧନା

ବୌଦ୍ଧ, ୬ ।୪(ସମିସ): ଶଙ୍ଖନାଦ ସାଂସ୍କୃତିକ ଅନୁଷ୍ଠାନ ସିମିଳିପଦର ପତ୍ରାପାଲି ପକ୍ଷରୁ ସୁନାମଧନ୍ୟ ନାଟ୍ୟକାର ଲକ୍ଷ୍ମଣ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି । ଏହି ଅବସରରେ ଆୟୋଜିତ ବୈଠକରେ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ହରିହର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବୁନ୍ଧୁରାମ ଖେତି, ଚିତ୍ତରଂଜନ ଖେତି, ସୁବୋଧ ଖେତି, ସୁଶାନ୍ତ ମିଶ୍ର, ଫକିର ବସ୍ତିଆ, ପ୍ରଫୁଲ୍ଲ ପ୍ରଧାନ, ଲିଙ୍ଗରାଜ ପ୍ରଧାନ୍, ଶ୍ରବଣ ଖେତି, ରେଣୁକା ଖେତି ପ୍ରମୁଖ ଉପସ୍ଥିତ ଥିଲେ ।

## ସୋନପୁର ପୌର ପରିଷଦ ଦ୍ୱାରା ସ୍ୱଚ୍ଛତା ଅଭିଯାନ

ତରଭା, ୬ ।୪(ସମିସ): ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିନ ସୋମବାର ସକାଳ ୭ ଟାରେ ସୋନପୁର ପୌର ପରିଷଦ ପକ୍ଷରୁ ଜିଲ୍ଲାର ଦେବାଳୟ ଓ ଐତିହ୍ୟ ସ୍ଥଳରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ଅଭିଯାନରେ ମାଁ ସୁରେଶ୍ୱରୀ ପୀଠ ଏବଂ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ ସଫା କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହିତ ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ନିଜାରତ ଅଧିକାରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଧୀରେନ୍ଦ୍ର ନାଥ ଦେ ପ୍ରମୁଖ ଉପସ୍ଥିତ ଥିଲେ । ସୋନପୁର-ମନମୁଣ୍ଡାର ସ୍ୱଚ୍ଛ ଭାରତ ସଂଗଠନ କର୍ମକର୍ତ୍ତା, ସୋନପୁର ମହାବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ, ପୌର ପରିଷଦ ସ୍ୱଚ୍ଛ ସାଥୀ ଓ ସଚେତନ ନାଗରିକ ସକ୍ରିୟ ଭାବେ ଭାଗ ନେଇଥିଲେ । ପୌର ପରିଷଦ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ମନମୁଣ୍ଡା, ୬ ।୪(ସମିସ): କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା କଣ୍ଟାମାଳ ଆଦିବାସୀ ସଭାପତି ଡମ୍ବରୁଧର କହଁରଙ୍କୁ ରାଜ୍ୟ ସରକାର ବୌଦ୍ଧ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି ।

ରାଜ୍ୟ ସରକାର ଆଜି ଏହି ଘୋଷଣା କଲା ପରେ ମନମୁଣ୍ଡାଠାରେ ରବି ସାହୁ, ରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ର ନଇ , ସୁରୁବାବୁ ମେହେର, ଅଭିମନ୍ୟୁ ମଲ୍ଲିକ, ଗଗନ ସେଠୀ, ଆଲୋକ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ କହଁରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ପୂର୍ବତନ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଶିବ ନାରାୟଣ ଚୌଲିଆ ପ୍ରମୁଖ ମଧ ଶ୍ରୀ କହଁରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଚାଲିଥିବା ଶ୍ରୀରାମଲୀଳା ଉତ୍ସବରେ 'କୁମ୍ଭକର୍ଣ୍ଣ ବଧ'

● ଯୁବକଙ୍କୁ ପିଟି ପିଟି ହତ୍ୟା ଘଟଣା

## ୨ ମୁଖ୍ୟ ଅଭିଯୁକ୍ତ ଗିରଫ

ବୀରମହାରାଜପୁର, ୬ ।୪(ସମିସ): ବୀରମହାରାଜପୁର ବ୍ଲକ ସୁବଳୟା ଥାନା ପୀତାମହୁଲ ଗାଁ ରାସ୍ତାରେ ପିଟିପିଟି ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଦୁଇ ମୁଖ୍ୟ ଅଭିଯୁକ୍ତ ହେଲେ ପୀତାମହୁଲି ଗ୍ରାମର ପ୍ରାଣବନ୍ଧୁ ସାହୁ ଓ ପିଙ୍କୁ ଜେନା । ଗତ ୨୫ ତାରିଖ ସାନ୍ଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁର ସୁମନ୍ତ ରଣାଙ୍କୁ ଗାଁ ରାସ୍ତାରେ ପିଟି ପିଟି ହତ୍ୟା କରିଥିଲେ । ସନ୍ଧ୍ୟାରେ ସୁମନ୍ତ ଗାଁର କେତେକ ଯୁବକଙ୍କ ସହ ବସି କଥାବାର୍ତ୍ତା କରୁଥିଲେ । ସେହି ସମୟରେ ଗାଁର ପ୍ରାଣବନ୍ଧୁ ଓ ପିଙ୍କୁ ପହଞ୍ଚି ସୁମନ୍ତଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା । ପୂର୍ବରୁ ସୁମନ୍ତଙ୍କ ସହ ପ୍ରାଣବନ୍ଧୁ ଓ ପିଙ୍କୁର ଝଗଡ଼ା ହୋଇଥିଲା ।

## ବଣିକ ସଂଘ ସଦସ୍ୟଙ୍କ ସ୍ମୃତିଚାରଣ

ବୌଦ୍ଧ, ୬ ।୪(ସମିସ): ସମ୍ବଲପୁର ଯୁଯୁମୁରା ନିକଟରେ ବଜ୍ରପାତରେ ବଘିଆପଡା ବଣିକ ସଂଘର ସଦସ୍ୟ ବିପ୍ଳବ ବେହେରାଙ୍କ ମୃତ୍ୟୁ ଘଟିଛି । ସଂଘ ପକ୍ଷରୁ ଏକ ମହମ ବତୀ ଶୋଭାଯାତ୍ରା ମାଧ୍ୟମରେ ତାଙ୍କ ସ୍ମୃତିଚାରଣ କରାଯାଇଛି । ସଂଘ ସଭାପତି ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ସଦସ୍ୟ ବଘିଆପଡା ବଜାର ପରିକ୍ରମା କରିଥିଲେ ।

## ବାଲ୍ୟ ବିବାହର କୁପରିଣାମ ଉପରେ ସଚେତନତା

ବୌଦ୍ଧ, ୬ ।୪(ସମିସ): ହରଭଙ୍ଗା ବ୍ଲକ୍ ସରସରା ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ବାଲ୍ୟ ବିବାହର କୁପରିଣାମ ଉପରେ ଏକ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଠସାହି ଗ୍ରାମର ଗ୍ରାମବାସୀ ଯୋଗ ଦେଇଥିଲେ ।

## ସ୍ୱଚ୍ଛ ଓଡ଼ିଶା ଦିବସ

ଜହ୍ଣାପଙ୍କ, ୬ ।୪(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗନ୍ଧରାଢ଼ିରେ ଓଡ଼ିଆ ପକ୍ଷ ଅବସରେ ସ୍ୱଚ୍ଛ ଓଡିଶା ଦିବସ ପାଳିତ ହୋଇଛି । ଜିଲ୍ଲାସ୍ତରୀର ପରାମର୍ଶଦାତା ସରୋଜ ରଞ୍ଜନ ପାଢୀଙ୍କ ତତ୍ତ୍ୱାବଧାନରେ ସୋମବାର ଏହା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ସରପଞ୍ଚ ଭାରତୀ ପୁରୋହିତ, ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା ପ୍ରମୁଖ ଗନ୍ଧରାଢି ବନ୍ଦିର ପରିସର ସଫା କରିଥିଲେ ।

## ଯାଦୁଗର ଉଦ୍ଧବ ପଧାନଙ୍କୁ ସ୍ୱର୍ଣ୍ଣ ପଦକ

ବୀରମହାରାଜପୁର, ୬ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଗଣ୍ଡପାଲି ଗ୍ରାମର ଯାଦୁଗର ଉଦ୍ଧବ ପଧାନ ଜିନିଅସ ୱାର୍ଲଡ ରେକର୍ଡ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉତ୍ତରପ୍ରଦେଶର ଆଗ୍ରାରେ ଆୟୋଜିତ ଏକ ବିଶ୍ୱ ରେକର୍ଡ ପ୍ରୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜିନିଅସ ୱାର୍ଲଡ ରେକର୍ଡ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଯାଦୁଗର ସ୍ୱର୍ଗତ ଓ.ପି. ଶର୍ମା ସ୍ମୃତି ସମ୍ମାନ ସମାରୋହ ସମିତି ଆଗ୍ରା ଦ୍ୱାରା ଆୟୋଜିତ କାର୍ଯକ୍ରମ ଯାଦୁ ଦ୍ୱାରା ଜଳ ଏବଂ ପରିବେଶ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି ସହିତ ବିଶ୍ୱ ରେକର୍ଡ କରିବା ପାଇଁ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ୧୨୫ ଜଣ ଯାଦୁଗର ଅଂଶଗ୍ରହଣ କରିଥିଲେ ।



ଏହି ଅବସରରେ ଶ୍ରୀ ପଧାନଙ୍କୁ ଓ.ପି. ଶର୍ମା ସ୍ମୃତି ସେବା ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀ ପଧାନ ନିଜର ଯାଦୁ କଳାକୁ କେବଳ ମନୋରଞ୍ଜନରେ ସୀମିତ ନ ରଖି ସାମାଜିକ କୁସଂସ୍କାର,ଅନ୍ଧବିଶ୍ୱାସ ଦୂର କରିବା ଏବଂ ଶିକ୍ଷାର ପ୍ରସାର ପାଇଁ ବ୍ୟବହାର କରନ୍ତି । ସେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କଦୋଦରସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇଟି ଅଧ୍ୟାପକ ତଥା ଯୁବ ରେଡକ୍ରସ କାଉନସେଲର ଭାବେ କାର୍ଯ୍ୟରତ ଅଛନ୍ତି ।

# ସୋନପୁର, ବୌଦ୍ଧରେ ଅଭିଯୋଗ ଶୁଣାଣି





ତରଭା, ୬ ।୪(ସମିସ): ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିରୁ ୪୪ଟି ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୂହିକ ଅଭିଯୋଗ ରହିଥିଲା । ସୋନପୁର ବିଡ଼ିଓ ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ଡ. ସୌମ୍ୟ ରୁପା ରଥ, ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣି) ପ୍ରିୟଦର୍ଶିନୀ ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । **ବୌଦ୍ଧ:** ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଧ୍ୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଏସ୍‌ପି ରାହୁଲ୍ ଗୋୟଲ ଶିବିରରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗଗୁଡ଼ିକର ସମାଧାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

